

# ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (PMEGP)

## ଉଦ୍ଦେଶ୍ୟ - ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ନୂତନ ଉଦ୍ୟୋଗ ପ୍ରତିଷ୍ଠା କରିଆରେ ନିଯୁକ୍ତି ସୃଷ୍ଟି କରିବା

| | | |
|---|---|---|
| ୧. | ବୟସ | : ୧୮ ବର୍ଷରୁ ଉର୍ଦ୍ଧ୍ୱ |
| ୨. | ଶିକ୍ଷାଗତ ଯୋଗ୍ୟତା | : ଶିଳ୍ପ ପ୍ରକଳ୍ପର ଅଟକଳ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ / ସେବା କ୍ଷେତ୍ରରେ ଅଟକଳ ମୂଲ୍ୟ ୨ଲକ୍ଷରୁ ଉର୍ଦ୍ଧ୍ୱ ପାଇଁ ସର୍ବନିମ୍ନ ଯୋଗ୍ୟତା - ଅଷ୍ଟମ ଶ୍ରେଣୀ ପାସ୍ |
| ୩. | ବାର୍ଷିକ ଆୟ ସୀମା | : ନାହିଁ |
| ୪. | ପ୍ରକଳ୍ପ ଅଟକଳ | : ଶିଳ୍ପ କ୍ଷେତ୍ରରେ ସର୍ବୋଚ୍ଚ ପ୍ରକଳ୍ପ ଅଟକଳର ପରିମାଣ ୨୫ଲକ୍ଷ/ ସେବା କ୍ଷେତ୍ରରେ ଅଟକଳ ପରିମାଣ ୧୦ଲକ୍ଷ ପର୍ଯ୍ୟନ୍ତ କେବଳ ନୂତନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ। |
| ୫. | ସରକାରୀ ପ୍ରୋତ୍ସାହନ | : **ଗ୍ରାମାଞ୍ଚଳରେ** ପ୍ରକଳ୍ପ ପ୍ରତିଷ୍ଠା କଲେ ହରିଜନ/ଆଦିବାସୀ/ ପଛୁଆବର୍ଗ/ମହିଳା/ଭିନ୍ନକ୍ଷମମାନଙ୍କ ପାଇଁ ଶତକଡ଼ା ୩୫ ଭାଗ ଛାଡ ଓ ସାଧାରଣ ବର୍ଗଙ୍କ ପାଇଁ ଶତକଡ଼ା ୨୫ଭାଗ ଛାଡ । **ଗ୍ରାମାଞ୍ଚଳରେ** ପ୍ରକଳ୍ପ ପ୍ରତିଷ୍ଠା କଲେ ହରିଜନ/ଆଦିବାସୀ/ ପଛୁଆବର୍ଗ/ମହିଳା/ଭିନ୍ନକ୍ଷମମାନଙ୍କ ପାଇଁ ଶତକଡ଼ା ୨୫ଭାଗ ଛାଡ ଓ ସାଧାରଣ ବର୍ଗଙ୍କ ପାଇଁ ଶତକଡ଼ା ୧୫ଭାଗ ଛାଡ । |

*ଯୋଗାଯୋଗ :-* **Online-kvic online.gov.in**

**ସାଧାରଣ ପରିଚାଳକ,**

***ଆଞ୍ଚଳିକ ଶିଳ୍ପକେନ୍ଦ୍ର, ମହିଷାପାଟ, ଢେଙ୍କାନାଳ***

***ଦୂରଭାଷ- ୦୬୭୬୨-୨୮୭୭୫୨,*** **SK Hota (IPO), 9861951780**

***ଓ ବ୍ଲକସ୍ତରୀୟ ଶିଳ୍ପ ଅଧିକାରୀ (IPO),***

**SC Das (KVIB, Superviser), 9438735315**

# Industries under the Preview of the PMEGP Scheme for Dhenkanal District

**FOOD PROCESSING**

1. Spices Grinding
2. Atta Chaki
3. Oil Expeller
4. Paddy boiling
5. Rice Huller
6. Chuda Mill
7. Flour Mill
8. Groundnut Decoticating
9. Chhatua Making
10. Confectionory
11. ICC Candy
12. Sugar Candy
13. Mixture Mfg.
14. Sauce Mfg.
15. Fruit Juce Mfg.
16. Squash Mfg.
17. Mudhi Bhatti
18. Backery
19. Dal Processing
20. Badi Pappad Mfg.
21. Cashew nut Processing
22. Pickles Mfg.
23. Poultry feed Mfg.
24. Cattle Feed Mfg.
25. Vermiceli Mfg.
26. Noodles Mfg.
27. Indian Sweet Making
28. Bee Keeping & Honey Processing
29. Milk Products
30. Family restaurant (not serving Liquor)
31. Mini Rice Mill
32. Mineral Water

**HANDICRAFT SECTOR**

1. Cane & Bamboo
2. Dhokra Casting
3. Brass & Belimetal
4. Embridery
5. Applique
6. Palm Leaf Products
7. Horn Works
8. Stone Carving
9. Wood Carving
10. Teracotta
11. Metal Jewellery
12. Silver Filgree
13. Gold ornaments Mfg.
14. Straw Craft
15. Soft Toys Mfg.

**OTHERS SERVICING UNIT**

1. Tyer Vulconising
2. Engineering Workshop
3. Wheel allignment & balancing
4. Two Wheeler Workshop
5. Four Wheeler Workshop
6. Gas Welding
7. Tyre retreading
8. Book Binding
9. Computer Browsing
10. DTP, Xerox & Lamination
11. Tailoring
12. Photo Studio
13. Electronics items repairing & Servicing
14. Electrical wiring & Servicing
15. Motor Rewinding
16. Tent House
17. Hiring of Light & Sound
18. Blacksmithy
19. Battery charging unit
20. Mobile repairing

21. Band Party
22. Ladies Beauty Parlour
23. Gents Parlour
24. Dry Wash Laundry
25. Watch reparing
26. Dental Clinic
27. Pathology
28. Umbrella assembling

**OTHER MECHANICAL**

1. Fabrication/Welding works
2. Printing Press/Offset Printing Press
3. Screen Printing
4. Powerboom/Lokbastra Unit
5. R.M.G Mfg.
6. Hosiary Mfg.
7. Paper Cup Plate Mfg.
8. Press Leaf Cup Plate Mfg.
9. Surgical Bandage Mfg.
10. Plastic Product Mfg.
11. Rubber Stamp Mfg.
12. Lather Products
13. Shoe Making
14. Industrial Gloves Mfg.
15. Coal Briquette Mfg.
16. Optical Lence Making
17. Aluminium Untensil Mfg.
18. Nickel Electro Plating
19. G.I, Bucket Making
20. Stabilizer Mfg.
21. Fan Making
22. Tube Light Choke Mfg.
23. CFL Bulb Assembling
24. Candle Mfg.
25. Industrial Grease Mfg.
26. Detergent Cake & Powder Mfg.
27. Phenyle Mfg.
28. Cotton bags Mfg.
29. Cement Product/Concrete Bricks
30. Cement Chowkatha & Window Mfg.
31. Agarbati Mfg.
32. Trunk Mfg.
33. Mosquito Net Making
34. Fly-Ash Bricks
35. Stone Crusher
36. Iron Nail Mfg.
37. Garden Pipe Mfg.
38. Rexin Bag Mfg.
39. Battery Mfg.
40. Electrial Pannel board Mfg.
41. Computer Assembling
42. Coir Products
43. Cement Paint Mfg.
44. Plumbing
45. Sofa Works
46. Seat Cover / Rexin Works
47. Glow Sign Board Making
48. Electronic Development Board
49. Laminated Paper for Cup Plate Mfg.
50. Glazed Tile Mfg.
51. Plastic Bottle Mfg.

| | | | |
|---|---|---|---|
| RIC, Dhenkanal | - 06762-286752 | IPO, Bhuban | - 9861951780 |
| IPO, Sadar | - 9861951780 | IPO, Odapada | - 9437349552 |
| IPO, Gondia | - 7008396757 | IPO, Hindol | - 8455928737 |
| IPO, Kamakhyanagar | - 7684856243 | IPO, Parjang | - 9439248246 |
| IPO, Kankadahad | - 9439248246 | Industrial Superviser | - 9658665094 |

### ୧୪. ରାଜ୍ୟ ହସ୍ତକଳା ବିକାଶ ଅନୁଷ୍ଠାନ (ସିଡାକ)

ହସ୍ତଶିଳ୍ପ କ୍ଷେତ୍ରର ବିକାଶ ପାଇଁ ୨୦୦୪ ମସିହାରେ ରାଜ୍ୟ ହସ୍ତକଳା ବିକାଶ ଅନୁଷ୍ଠାନ (ସିଡାକ) ପ୍ରତିଷ୍ଠା କରାଯାଇଥିଲା । ରାଜ୍ୟସ୍ତରୀୟ ହସ୍ତଶିଳ୍ପ ତାଲିମ୍ କେନ୍ଦ୍ର, ଡିଜାଇନ୍ ତାଲିମ୍ କେନ୍ଦ୍ର, ଆନ୍ତର୍ଜାତୀୟ ବାଣିଜ୍ୟ କେନ୍ଦ୍ର ଏବଂ ହସ୍ତଶିଳ୍ପ ସଂଗ୍ରାହାଳୟ ବର୍ତ୍ତମାନ ସିଡାକ ଦ୍ୱାରା ପିରଚାଳିତ ହେଉଛି । ଏତଦ୍ ବ୍ୟତୀତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ନିମ୍ନଲିଖିତ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଅଛି ।

୧. ହସ୍ତସିଳ୍ପ ପୁଞ୍ଜି ବିକାଶ ଯୋଜନା
୨. ଲୁପ୍ତପ୍ରାୟ ହସ୍ତଶିଳ୍ପର ପୁନରୁଦ୍ଧାର
୩. ନମୁନା ବିକାଶ କାର୍ଯ୍ୟକ୍ରମ

### ୧୫. ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା
(CM's Special Package for Handicraft Artisans)

- ହସ୍ତଶିଳ୍ପ ପୁଞ୍ଜି ଗୁଡିକର ବିକାଶ ପାଇଁ ଅଧିକ ଆର୍ଥିକ ସହାୟତା ବ୍ୟବସ୍ଥା ।
- ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସେମାନଙ୍କ ବୀମା ପ୍ରିମିୟମ ଦେୟ ଅଂଶ ବାବଦକୁ ସହାୟତା ।
- ରାଜ୍ୟରେ ହସ୍ତଶିଳ୍ପ କାରିଗର ପରିବାରଙ୍କୁ ପର୍ଯ୍ୟାୟକ୍ରମେ ସୌର ଲଣ୍ଠନ ଯୋଗାଣ ।
- ରାଜ୍ୟରେ ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ **"କାରିଗର କଲ୍ୟାଣ ପାଣ୍ଠି"** ଗଠନ ।
- ରାଜ୍ୟ ସରକାରଙ୍କ **"ମୋ କୁଡିଆ"** ଯୋଜନାରେ ହସ୍ତଶିଳ୍ପ କାରିଗରମାନଙ୍କୁ କର୍ମଶାଳା ତଥା ବାସଗୃହ ଯୋଗାଣ ବ୍ୟବସ୍ଥା ।
- ରାଜ୍ୟ ସରକାରଙ୍କ **"ମଧୁବାବୁ ପେନ୍‌ସନ୍ ଯୋଜନା"** ରେ ହସ୍ତଶିଳ୍ପ କାରିଗରମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ବ୍ୟବସ୍ଥା ।

### ହସ୍ତଶିଳ୍ପ ପାଇଁ ଅନୁମୋଦିତ ହସ୍ତଶିଳ୍ପ - (Approved Handicrafts Items)

(୧)ଚାନ୍ଦୁଆ, (୨)ପଟ୍ଟଚିତ୍ର, (୩)ତାଳପତ୍ର ଖୋଦେଇ, (୪) ପ୍ରସ୍ତର ଖୋଦେଇ, (୫) କାଷ୍ଠ ଖୋଦେଇ, (୬)ଡୋକରା କାମ, (୭)କଂସା ଓ ପିତଳ କାମ, (୮)ଟେରାକୋଟା କାମ, (୯)ରୂପା ତାରକସି କାମ, (୧୦)କାଇଁଚ କାମ, (୧୧) ବେତ ଓ ବାଉଁଶ କାମ, (୧୨)ସବାଇଘାସ କାମ, (୧୩) ଆଦିବାସୀ ଅଳଙ୍କାର, (୧୪) କାରୁକାର୍ଯ୍ୟପୂର୍ଣ୍ଣ ଚମଡା କାମ, (୧୫) ବାନ୍ଧକାମ, (୧୬)ବନସାଇ, (୧୭)କାରୁକାର୍ଯ୍ୟପୂର୍ଣ୍ଣ ଜୋତା କାମ, (୧୮) କାରୁକାର୍ଯ୍ୟପୂର୍ଣ୍ଣ ଆସନ, (୧୯) ବାଟିକ୍ ଛାପ କାମ, (୨୦)ଗୁଆ କାମ, (୨୧)ମାଟି କଣ୍ଢେଇ କାମ, (୨୨)କପଡା ଫୁଲ, (୨୩)ନଡିଆ ସଢେଇ କାମ, (୨୪) କତା ହସ୍ତଶିଳ୍ପ, (୨୫)ପ୍ରସାଧନୀ ଅଳଙ୍କାର, (୨୬)ଦରି ଓ ସତରଞ୍ଜି କାମ, (୨୭) ସୂତୀ କାମ, (୨୮)ରତ୍ନ ପଥର ପ୍ରକ୍ରିୟାକରଣ, (୨୯)କିଆ ପତ୍ର କାମ, (୩୦) ଗୋପା କାମ, (୩୧)ଶିଙ୍ଘ କାମ, (୩୨)ଜୟଖାଡି କାମ, (୩୩)ଝୋଟ ନିର୍ମିତ ହସ୍ତଶିଳ୍ପ, (୩୪)ଲାଖ କାମ, (୩୫)ଧାତୁ ନିର୍ମିତ ହସ୍ତଶିଳ୍ପ, (୩୬)ପ୍ରାକୃତିକ ତନ୍ତୁ ନିର୍ମିତ ହସ୍ତଶିଳ୍ପ, (୩୭)ଧାନରୁ ତିଆରି ହସ୍ତଶିଳ୍ପ, (୩୮)ତାଳପତ୍ର ତିଆରି ସାଜସଜ୍ଜା ଜିନିଷ, (୩୯)କାଗଜ ମୁଖା, (୪୦)ଗଛମୂଳରୁ ତିଆରି ହସ୍ତଶିଳ୍ପ, (୪୧)ଶଙ୍ଖ ଶାମୁକା କାମ, (୪୨)ନରମ କଣ୍ଢେଇ, (୪୩)ସୋଲକାମ, (୪୪)ଛଣରୁ ତିଆରି ହସ୍ତଶିଳ୍ପ, (୪୫)ଯାତ୍ରାଦଳ ପୋଷାକ, (୪୬)କାଠ ଇନଲେ କାମ, (୪୭)ଚିତ୍ରିତ କାଠ କଣ୍ଢେଇ, (୪୮)ପଶମ ସତରଞ୍ଜି କାମ, (୪୯)ଜରିକାମ, (୫୦)ସୋରା ପେଣ୍ଟିଙ୍ଗ୍


**ଯୋଗାଯୋଗ ଠିକଣା**

ଆଞ୍ଚଳିକ ଶିଳ୍ପ କେନ୍ଦ୍ର, ମହିଷାପାଟ, ଢେଙ୍କାନାଳ, ଦୂରଭାଷ -୦୬୭୬୨-୨୮୬୭୫୨

I. Mohanty (IPO) 7008396757, A. Dehuri (IPO) 9337175027


# ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
## ଆଞ୍ଚଳିକ ଶିଳ୍ପ କେନ୍ଦ୍ର, ଢେଙ୍କାନାଳ

ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ରାଜ୍ୟର ହସ୍ତଶିଳ୍ପ ଗୁଡିକର ବିକାଶ ଓ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି । ନିମ୍ନଲିଖିତ ସଂସ୍ଥାଗୁଡିକ ହସ୍ତଶିଳ୍ପ କ୍ଷେତ୍ରରେ ହସ୍ତଶିଳ୍ପ ଗୁଡିକର ଉନ୍ନତି ପାଇଁ ଏହି ନିର୍ଦ୍ଦେଶାଳୟର ପ୍ରଶାସନିକ ପରିସରରେ କାର୍ଯ୍ୟ କରୁଅଛନ୍ତି ।

୧. ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ. (ଉତ୍କଳିକା)
୨. ରାଜ୍ୟ ହସ୍ତକଳା ବିକାଶ ଅନୁଷ୍ଠାନ (ସିଡାକ)

### ଓଡ଼ିଶାର ହସ୍ତଶିଳ୍ପ

ହସ୍ତଶିଳ୍ପ ସାଂସ୍କୃତିକ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ଦୃଷ୍ଟିରୁ ଓଡ଼ିଶା ଏକ ହସ୍ତଶିଳ୍ପ ରାଜ୍ୟ ଭାବେ ପରିଗଣିତ ହୁଏ । ଏଠାରେ ପ୍ରାୟ ୧,୩୦,୦୦୦ କାରିଗର ୫୦ ଗୋଟି ବିଭିନ୍ନ ହସ୍ତଶିଳ୍ପର ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଏହି ରାଜ୍ୟର ଅଧିକାଂଶ କାରିଗରଙ୍କୁ ଜାତୀୟ ପୁରସ୍କାର (National Award) ଓ ପଦ୍ମ ପୁରସ୍କାର ମିଳିଥିବା ଦୃଷ୍ଟିରୁ ରାଜ୍ୟର କାରିଗର କୌଶଳ ଉନ୍ନତ ଭାବେ ମାନ୍ୟତା ପାଇଛି । ସ୍ୱଳ୍ପ ପୁଞ୍ଜି ବିନିଯୋଗ, ସହଜ କାରିଗରୀ କୌଶଳର ପ୍ରୟୋଗ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୀବଟା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିବା ଦୃଷ୍ଟିରୁ ରାଜ୍ୟର ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ପ୍ରଭୃତି ନିଯୁକ୍ତି ସୃଷ୍ଟି ପାଇଁ ହସ୍ତଶିଳ୍ପ କ୍ଷେତ୍ରରେ ଯଥେଷ୍ଟ ସମ୍ଭାବନା ରହିଛି ।

| | | |
|---|---|---|
| ୧. | ରାଜ୍ୟରେ ପ୍ରସ୍ତୁତ ହେଉଥିବା ହସ୍ତଶିଳ୍ପର ସଂଖ୍ୟା | ୫୦ |
| ୨. | ରାଜ୍ୟରେ ହସ୍ତଶିଳ୍ପ କାରିଗରଙ୍କ ସଂଖ୍ୟା | ୧,୩୦,୦୦୦ |
| ୩. | ବାର୍ଷିକ ଉତ୍ପାଦନ | ୧୩୧ କୋଟି ଟଙ୍କା |
| ୪. | ବାର୍ଷିକ ରପ୍ତାନୀ | ୩ କୋଟି ଟଙ୍କା |
| ୫. | ଚଳନ୍ତି ହସ୍ତଶିଳ୍ପ ସମବାୟ ସମିତି ଗୁଡିକର ସଂଖ୍ୟା | ୧୯୧ |
| ୬. | ବିକଶିତ ହସ୍ତଶିଳ୍ପ ପୁଞ୍ଜିର ସଂଖ୍ୟା | ୨୫୯ |
| ୭. | ବିକଶିତ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକର ସଂଖ୍ୟା | ୮୩୪ |
| ୮. | ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇଥିବା ହସ୍ତଶିଳ୍ପ କାରିଗରଙ୍କ ସଂଖ୍ୟା | ୧୨୫୮୯ |
| ୯. | ଆନୁଷ୍ଠାନିକ ତାଲିମପ୍ରାପ୍ତ ହସ୍ତଶିଳ୍ପ କାରିଗରଙ୍କ ସଂଖ୍ୟା | ୧୫୬୧୭ |
| ୧୦. | ଥଇଥାନ କରାଯାଇଥିବା ହସ୍ତଶିଳ୍ପ କାରିଗରଙ୍କ ସଂଖ୍ୟା | ୬୩୦୧ |

**ହସ୍ତଶିଳ୍ପ କ୍ଷେତ୍ରରେ ଉନ୍ନତି ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଅଛି ।**

## ହସ୍ତଶିଳ୍ପ ବିକାଶ ପାଇଁ କାର୍ଯ୍ୟକ୍ରମ

୧. **ଶିଳ୍ପୀଗ୍ରାମ ଯୋଜନା** (Craft Village Scheme)

ଏହି ଯୋଜନା ମାଧ୍ୟମରେ ହସ୍ତଶିଳ୍ପ କାରିଗରମାନଙ୍କର ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କୁ ଆବଶ୍ୟକୀୟ ସହାୟତା ଯଥା - କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ୍ ଉନ୍ନତ ଯନ୍ତ୍ରପାତି ଯୋଗାଣ (Rs. 15,000/- per Group) ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ ଓ ଉକ୍ତ ଋଣ ପାଇଁ Margin Money (Rs. 13,500/- per Group) ଇତ୍ୟାଦି ସହାୟତା ପ୍ରଦାନ କରାଯାଉଅଛି ।

୨. **ହସ୍ତଶିଳ୍ପୀ ଥଇଥାନ ଯୋଜନା** (Rehabilitation of Handicraft Artisans)

ନିଜସ୍ୱ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ହସ୍ତଶିଳ୍ପ କାରିଗରମାନଙ୍କର ଥଇଥାନ ପାଇଁ ବ୍ୟାଙ୍କ ମାଧ୍ୟମରେ ଟ.୫୦,୦୦୦/- ପର୍ଯ୍ୟାପ୍ତ ଋଣ ପ୍ରଦାନ ସହ ଉକ୍ତ ଋଣ ଉପରେ ୨୦% Margin Money Assistance (ସର୍ବାଧିକ ୧୦,୦୦୦/-) ପ୍ରଦାନ କରାଯାଉଅଛି ।

୩. **ହସ୍ତଶିଳ୍ପ ଉଦ୍ୟୋଗର ଆଧୁନିକ କରଣ ଓ ଯନ୍ତ୍ରପାତି ଉନ୍ନତିକରଣ** (Modernisation & Techonological Up-gradation of Handicraft Industries)

ଏହି ଯୋଜନା ମାଧ୍ୟମରେ କାରିଗରମାନଙ୍କ ଦ୍ୱାରା ହସ୍ତଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ଏବଂ ଆଧୁନିକରଣ ଓ ଯନ୍ତ୍ରପାତି ଉନ୍ନତିକରଣ ପାଇଁ ବ୍ୟାଙ୍କ ମାଧ୍ୟମରେ ପ୍ରକଳ୍ପର ମୂଲ୍ୟ ସର୍ବନିମ୍ନ ୩ ଲକ୍ଷ ଟଙ୍କା ଓ ସର୍ବୋଚ୍ଚ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ସହ ଉକ୍ତ ଋଣ ଉପରେ ସର୍ବାଧିକ ୧୨ ଲକ୍ଷ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି ।

୪. **ବିପଣନ ସହାୟତା** (Marketing Support)

ଉକ୍ତ ଯୋଜନା ମାଧ୍ୟମରେ ଜିଲ୍ଲା ଓ ରାଜ୍ୟସ୍ତରରେ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇ କାରିଗରମାନଙ୍କୁ ବିକ୍ରିବଟା ପ୍ରଦାନ କରାଯାଉଅଛି । ଏତଦ୍ ବ୍ୟତୀତ ହସ୍ତଶିଳ୍ପ କାରିଗର ମାନଙ୍କୁ ବିଭିନ୍ନ ପ୍ରଦର୍ଶନୀରେ ଭାଗନେବା ପାଇଁ ଯାତାୟତ ଖର୍ଚ୍ଚ ଓ ସାମଗ୍ରୀ ପରିବହନ ଖର୍ଚ୍ଚ ଇତ୍ୟାଦି ସହାୟତା ପ୍ରଦାନ କରାଯାଉଅଛି । ହସ୍ତଶିଳ୍ପ ସାମଗ୍ରୀ ବିକ୍ରୀବଟାର ଅଭିବୃଦ୍ଧି ପାଇଁ ଉତ୍କଳିକା ଶାଖା ଗୁଡିକର ନବୀକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଅଛି ।

୫. **ଆନୁଷ୍ଠାନିକ ତାଲିମ୍**

ରାଜ୍ୟ ଓ ଜିଲ୍ଲା ସ୍ତରରେ ଥିବା ହସ୍ତଶିଳ୍ପ ତାଲିମକେନ୍ଦ୍ର ମାନଙ୍କରେ ମୌଳିକ ତାଲିମ୍ ଦିଆଯିବା ସହ ଅଗ୍ରୀମ ତାଲିମ ଦେବାର ବ୍ୟବସ୍ଥା ରହିଛି । ବର୍ଷକୁ ହାରାହାରି ୪୧୮ ଜଣ କାରିଗରଙ୍କୁ ତାଲିମ ଦିଆଯାଉଅଛି ।

୬. **ଗୁରୁଶିଷ୍ୟ ପରମ୍ପରା ତାଲିମ** (Training Through Gurn Sishya Parampara)

ତୃଣମୂଳ ସ୍ତରରେ ପିଢୀର ହସ୍ତଶିଳ୍ପ କାରିଗର ସୃଷ୍ଟି କରିବା ପାଇଁ ରାଜ୍ୟ/କେନ୍ଦ୍ର ସରକାର ପୁରସ୍କାର ପ୍ରାପ୍ତ ଶିଳ୍ପୀ ତଥା ନିପୁଣ ଶିଳ୍ପୀଙ୍କ ତତ୍ତ୍ୱାବଧାନରେ ତାଲିମ ପ୍ରଦାନ କରାଯାଉଅଛି ।

୭. **MCC ତାଲିମ୍ ମାଧ୍ୟମରେ କାରୀଗରମାନଙ୍କର ଦକ୍ଷତା ବୃଦ୍ଧି ।**

୮. **ପ୍ରତ୍ୟକ୍ଷଜ୍ଞାନ ଆହାରଣ ପାଇଁ ପରିଦର୍ଶନ ଯୋଜନା** (Exposure Craft)

ରାଜ୍ୟ ତଥା ଦେଶରେ ପ୍ରମୁଖ ଶିଳ୍ପ ପୁଞ୍ଜି ଗୁଡିକୁ ହସ୍ତଶିଳ୍ପ କାରିଗରମାନଙ୍କୁ ପରିଭ୍ରମଣରେ ପଠାଯାଇ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ ତଥା ବିକ୍ରୀବଟା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ଏହି ଯୋଜନାର ଲକ୍ଷ୍ୟ ।

୯. **ଲୁପ୍ତ ପ୍ରାୟ ହସ୍ତଶିଳ୍ପ ପୁନଃରୁଦ୍ଧାର** (Revival of Languishing Craft)

ଲୁପ୍ତ ପ୍ରାୟ ହସ୍ତଶିଳ୍ପ ଗୁଡିକର ପୁନଃରୁଦ୍ଧାର ପାଇଁ କାରିଗରମାନଙ୍କୁ ତାଲିମ ଦେବା ସଙ୍ଗେ ସଙ୍ଗେ ନୂତନ ଧରଣର ସାମଗ୍ରୀ ପ୍ରସ୍ତୁତ ପାଇଁ ଡିଜାଇନ ତାଲିମ ବ୍ୟାଙ୍କ ଋଣ ମଞ୍ଜୁର ପାଇଁ ମାର୍ଜିନ ମନି ପ୍ରଦାନ, ବିକ୍ରୀବଟା ସହାୟତା ଇତ୍ୟାଦି ପ୍ରଦାନ କରାଯାଉଅଛି । ପ୍ରଥମ ପର୍ଯ୍ୟାୟରେ ବରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାର କାଷ୍ଠ କଣ୍ଢେଇ, ବଲାଙ୍ଗୀର ଜିଲ୍ଲାର ଧାନରୁ ତିଆରି ହସ୍ତଶିଳ୍ପ (Paddy Craft), ରାୟଗଡା ଜିଲ୍ଲାର ଡଙ୍ଗରିଆ କନ୍ଧ ଶାଲ ଓ ସଉରା ଚିତ୍ର, ପୁରୀ ଜିଲ୍ଲାର ସୋଲ କାମ ଓ ଢେଙ୍କାନାଳ ଜିଲ୍ଲାର ଶିଙ୍ଗ କାମ ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଅଛି ।

୧୦. **ପ୍ରାଥମିକ ହସ୍ତଶିଳ୍ପ ସମବାୟ ସମିତିର ସଶକ୍ତିକରଣ** (Strengthening of Primary Handicraft Co-Operative Society)

ପ୍ରାଥମିକ ହସ୍ତଶିଳ୍ପ ସମବାୟ ସମିତ ଗୁଡିକର ଭିତ୍ତିଭୂମି ବିକାଶ, Raw Material Bank ଓ ବିକ୍ରୟ କେନ୍ଦ୍ର ଇତ୍ୟାଦି ପାଇଁ ସର୍ବାଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଅଛି ।

୧୧. **ନୂତନ ନମୂନା ପ୍ରସ୍ତୁତି** (Design Development)

ବଜାର ଚାହିଦା ମୁତାବକ ସାମଗ୍ରୀ ପ୍ରସ୍ତୁତ ପାଇଁ ସୁନାମଧନ୍ୟ ଡିଜାଇନର ମାଧ୍ୟମରେ ନୂତନ ନମୂନା ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଉଅଛି । ଏତଦ୍ ବ୍ୟତୀତ ଅହମଦାବାଦ୍‌ସ୍ଥିତ ରାଷ୍ଟ୍ରୀୟ ଡିଜାଇନ୍ ପ୍ରତିଷ୍ଠାନ (NID) ସହାୟତାରେ ଭୁବନେଶ୍ୱର ଗଣ୍ଡମୁଣ୍ଡା ଠାରେ ଏକ ଡିଜାଇନ୍ ସେଲ୍ ପ୍ରତିଷ୍ଠା କରି କାରିଗରମାନଙ୍କୁ ଏକ ବର୍ଷିଆ ଡିଜାଇନ୍ ତାଲିମ୍ ଦେବାର ବ୍ୟବସ୍ଥା କରାଯାଇଅଛି ।

୧୨. **ରପ୍ତାନୀ ପାଇଁ ପଦକ୍ଷେପ**

ରାଜ୍ୟରୁ ସିଧାସଳଖ ହସ୍ତଶିଳ୍ପ ସାମଗ୍ରୀ ଗୁଡିକର ରପ୍ତାନୀ ବୃଦ୍ଧି ପାଇଁ ଶିଳ୍ପଦ୍ୟୋଗୀମାନଙ୍କୁ ହସ୍ତଶିଳ୍ପ ସାମଗ୍ରୀ ବିକାଶ ତାଲିମ ସହ ରପ୍ତାନୀ ବ୍ୟବସାୟରେ ଦକ୍ଷତା ଅଭିବୃଦ୍ଧି ତାଲିମ ପ୍ରଦାନ କରାଯାଉଅଛି । ରପ୍ତାନୀକାରୀମାନଙ୍କୁ ତଥା ଉତ୍କଳିକାକୁ ବିଦେଶରେ ଅନୁଷ୍ଠିତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଯୋଗଦାନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଭାରତୀୟ ହସ୍ତଶିଳ୍ପ ଉପହାର ସାମଗ୍ରୀ ମେଳା, ନୋଇଡାରେ ଓଡ଼ିଶା ହସ୍ତଶିଳ୍ପ ସାମଗ୍ରୀ ଗୁଡିକର ପ୍ରଦର୍ଶନୀ ପାଇଁ ଏକ ସ୍ଥାନ ନିଆଯାଇଛି ।

୧୩. **ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା)**

ହସ୍ତଶିଳ୍ପ କାରିଗରମାନଙ୍କୁ ବିକ୍ରୀବଟା ସହାୟତା ପ୍ରଦାନ କରିବା ପାଇଁ ୧୯୫୯ ମସିହାରେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ପ୍ରତିଷ୍ଠା କରାଯାଇଥିଲା । ବର୍ତ୍ତମାନ ଓଡ଼ିଶା ଓ ରାଜ୍ୟ ବାହାରେ ସମୁଦାୟ ୧୩ଗୋଟି ଶାଖା କାର୍ଯ୍ୟ କରୁଅଛି । ୨୦୧୨-୧୩ ମସିହାରେ ଏହି ଶାଖାଗୁଡିକ ମାଧ୍ୟମରେ ଟ.୧୨୪୮.୭୦ ଲକ୍ଷର ବିକ୍ରିବଟା କରାଯାଇଅଛି ।